## ଦ୍ୱିତୀୟ ଅଧ୍ୟାୟ

# ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା



ଶିକ୍ଷକ – ପୂର୍ବ ଶ୍ରେଣୀରେ ତୁମେ ଗ୍ରାମ ପଞ୍ଚାୟତ ବିଷୟରେ କିଛି କଥା ଜାଣିଛ । ପଞ୍ଚାୟତ କାର୍ଯ୍ୟାଳୟର କାନ୍ଥରେ ସେ ସଂପର୍କରେ କ'ଣ କ'ଣ ଲେଖା ହୋଇଛି ପଢ଼ ।

ରମେଶ – ସାର୍, ସେଥିରେ ପଞ୍ଚାୟତର ନାମ ସହିତ ତା'ର ବିଭିନ୍ନ ସଭ୍ୟ ଓ ସଭ୍ୟାଙ୍କ ନାମ ଲେଖା ହୋଇଛି ।

ଶିକ୍ଷକ – ପିଲାମାନେ, ତୁମେ ସମସ୍ତେ ଖାତା ବାହାର କର । ମୁଁ ପଚାରୁଥିବା ପ୍ରଶ୍ନର ଉତ୍ତର ସେଥିରେ ଲେଖ ।

- ▶ ଏହି ଗ୍ରାମର ନାମ କ'ଣ ?
- ▶ ଏହି ଗ୍ରାମପଞ୍ଚାୟତର ନାମ କ'ଣ ?
- ▶ କିଏ ଏହି ଗ୍ରାମପଞ୍ଚାୟତର ସରପଞ୍ଚ ଅଛନ୍ତି ?
- ▶ କିଏ ନାଏବ ସରପଞ୍ଚ ଅଛନ୍ତି ?
- ▶ ତୁମ ୱାର୍ଡ଼ ମେମ୍ବରଙ୍କ ନାମ କ'ଣ ?
- ▶ ଏହି ପଞ୍ଚାୟତର ସମ୍ପାଦକଙ୍କ ନାମ କ'ଣ ?

ରହିମ – ସାର୍, ଗ୍ରାମ ପଞ୍ଚାୟତ କେତେ ଲୋକଙ୍କୁ ନେଇ ଗଢ଼ା ହୋଇଥାଏ ?

ଶିକ୍ଷକ – ଗ୍ରାମ ପଞ୍ଚାୟତ ସାଧାରଣତଃ ଦୁଇ ହଜାରରୁ ଦଶ ହଜାର ପର୍ଯ୍ୟନ୍ତ ଲୋକଥିବା ଅଞ୍ଚଳକୁ ନେଇ ଗଠିତ । ତେଣୁ କେତେଗୁଡ଼ିଏ ଛୋଟ ଛୋଟ ଗ୍ରାମ କିମ୍ବା ଗୋଟିଏ ବଡ଼ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଢ଼ା ହୋଇଥାଏ । ଏହାକୁ କେତେକ ୱାର୍ଡ଼ରେ ମଧ୍ୟ ବିଭକ୍ତ କରାଯାଇଥାଏ ।

ରୋଶନାରା – ସାର୍, ପ୍ରତି ଗ୍ରାମ ପଞ୍ଚାୟତକୁ କାହିଁକି କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଇଅଛି ?

ଶିକ୍ଷକ – ଶାସନର ସୁବିଧା ପାଇଁ ପ୍ରତି ଗ୍ରାମ ପଞ୍ଚାୟତକୁ କେତେକ ୱାର୍ଡ଼ରେ ବିଭକ୍ତ କରାଯାଇଥାଏ । ଏହାଫଳରେ ବିଭିନ୍ନ ୱାର୍ଡ଼କୁ ଆଖି ଆଗରେ ରଖି ଗ୍ରାମବାସୀଙ୍କ ଉନ୍ନତି ଲାଗି ଜନମଙ୍ଗଳ କାର୍ଯ୍ୟ କରିହୁଏ । ଏହାର ସୁଫଳ ସାମଗ୍ରିକ ଭାବେ ଗ୍ରାମପଞ୍ଚାୟତକୁ ମିଳିଥାଏ ।

ଚୁମୁକି – ଗ୍ରାମର ଯେ କୌଣସି ଲୋକ କ'ଣ ଗ୍ରାମ ପଞ୍ଚାୟତର ସଦସ୍ୟ ହୋଇପାରିବେ ?

ଶିକ୍ଷକ – ନା, ହୋଇପାରିବେ ନାହିଁ । ଗ୍ରାମ ପଞ୍ଚାୟତର ସଦସ୍ୟ ହେବା ପାଇଁ ନିର୍ବାଚନ ଲଢ଼ିବାକୁ ପଡ଼ିଥାଏ । ଏହି ନିର୍ବାଚନ ପ୍ରତି ପାଞ୍ଚ ବର୍ଷରେ ଥରେ ହୋଇଥାଏ । ନିଜ ୱାର୍ଡ଼ର ପ୍ରତିନିଧିଙ୍କୁ ବାଛିବା ପାଇଁ ୧୮ ବର୍ଷ ବା ତା'ଠାରୁ ଅଧିକ ବୟସର ଲୋକମାନେ ସିଧାସଳଖ ନିଜର ମତଦାନ କରିଥାନ୍ତି । ଯେଉଁ ବ୍ୟକ୍ତି ଅଧିକ ଭୋଟ୍ ପାଇଥାନ୍ତି, ତାଙ୍କୁ 'ୱାର୍ଡ଼ମେମ୍ବର' ବୋଲି ଘୋଷଣା କରାଯାଏ । କେତେକ ୱାର୍ଡ଼ର ୱାର୍ଡ଼ମେମ୍ବର ପଦ ମହିଳା ହରିଜନ, ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଥାଏ ।

ଦଳବୀର – ଗ୍ରାମପଞ୍ଚାୟତର ମୁଖ୍ୟଙ୍କୁ କ'ଣ କୁହାଯାଏ ?

ଶିକ୍ଷକ – ଗ୍ରାମପଞ୍ଚାୟତର ମୁଖ୍ୟଙ୍କୁ ସରପଞ୍ଚ କୁହାଯାଏ । ପଞ୍ଚାୟତର ଲୋକମାନେ ସିଧାସଳଖ ମତଦାନ ଦ୍ୱାରା ତାଙ୍କୁ ନିର୍ବାଚିତ କରିଥାନ୍ତି । ପ୍ରତି ୱାର୍ଡ଼ର ପ୍ରତିନିଧିତ୍ୱ କରୁଥିବା ୱାର୍ଡ଼ମେମ୍ବରମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନାଏବ ସରପଞ୍ଚ ରୂପେ ବାଛନ୍ତି । ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡ଼ମେମ୍ବରମାନଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଥାଏ । ଏହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାମ କରେ ।

ରୋଶନାରା – ଗ୍ରାମ ପଞ୍ଚାୟତ କିପରି କାର୍ଯ୍ୟ କରେ ?

ଶିକ୍ଷକ – ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ସମ୍ପାଦକ ଥାଆନ୍ତି । ସେ ସରପଞ୍ଚଙ୍କୁ କାମରେ ସାହାଯ୍ୟ କରନ୍ତି । ଏହାର ବୈଠକ ପ୍ରତିମାସରେ ଥରେ ବସିଥାଏ । ଦରକାର ପଡ଼ିଲେ ଏହି ବୈଠକ ଅଧିକ ଥର ମଧ୍ୟ ବସିପାରେ । ସରପଞ୍ଚ ଏଥିରେ ସଭାପତି ରୂପେ କାର୍ଯ୍ୟ କରିଥାନ୍ତି । ତାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ସଭାପତି ଦାୟିତ୍ୱ ତୁଲାଇଥାନ୍ତି । ଆସ, ଆମେ ସରପଞ୍ଚଙ୍କୁ ସାକ୍ଷାତ କରିବା ଓ ତାଙ୍କ ଠାରୁ ଗ୍ରାମପଞ୍ଚାୟତ ସମ୍ପର୍କରେ ଅଧିକ ଜାଣିବା ।

ଶିକ୍ଷକ – ଆଜ୍ଞା, ନମସ୍କାର । ଆମ ବିଦ୍ୟାଳୟର ପିଲାମାନେ ଆପଣଙ୍କ ଗ୍ରାମ ପଞ୍ଚାୟତ ବୁଲି ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ତେଣୁ ମୁଁ ସେମାନଙ୍କ ସହିତ ଆସିଅଛି । ଦୟାକରି, ଆପଣଙ୍କ ଗ୍ରାମ ପଞ୍ଚାୟତ କିପରି କାର୍ଯ୍ୟକରେ ସେମାନଙ୍କୁ କହନ୍ତୁ ।

ସରପଞ୍ଚ – ଗ୍ରାମପଞ୍ଚାୟତ ଗ୍ରାମରେ କି କି ଉନ୍ନୟନମୂଳକ କାର୍ଯ୍ୟ କରିଥାଏ, ତାହା ପ୍ରଥମେ ପଞ୍ଚାୟତ ବୈଠକରେ ସ୍ଥିର କରାଯାଏ । ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ । ନିଜ ଅଞ୍ଚଳର ଉନ୍ନତି ଓ ବିଭିନ୍ନ ସମସ୍ୟାର ସମାଧାନ ଗ୍ରାମ ପଞ୍ଚାୟତର ମୁଖ୍ୟ କାମ । ସରକାରଙ୍କର କେତେକ ଯୋଜନା ମଧ୍ୟ ଏହା କାର୍ଯ୍ୟକାରୀ କରେ । ଅବଶ୍ୟ କେତେକ କାମ ଗ୍ରାମ ପଞ୍ଚାୟତ କରିବା ଲାଗି ବାଧ୍ୟ ହୋଇଥାଏ । ଆଉ କେତେକ ଗ୍ରାମପଞ୍ଚାୟତ ଇଚ୍ଛା କଲେ କରିପାରିବେ । କିନ୍ତୁ ଆମ ଗ୍ରାମପଞ୍ଚାୟତ ଲୋକଙ୍କ ହିତ ଦୃଷ୍ଟିରୁ କିଛି କିଛି ଇଚ୍ଛାଧୀନ କାର୍ଯ୍ୟ ମଧ୍ୟ କରିଥାଏ । କେଉଁଟି ଆମର ବାଧ୍ୟତା ମୂଳକ କାର୍ଯ୍ୟ ଓ କେଉଁଟି ଆମର ଇଚ୍ଛାଧୀନ କାର୍ଯ୍ୟ, ସେ ସଂପର୍କରେ ମୁଁ ଏଠାରେ ଏକ ଚାର୍ଟ ପ୍ରସ୍ତୁତ କରି ସେଥିରେ ଲେଖିଛି । ତୁମେ ଏହି ଚାର୍ଟଟିକୁ ପଢ଼ ।

| ଗ୍ରାମ ପଞ୍ଚାୟତର କାର୍ଯ୍ୟ | |
|---|---|
| ବାଧ୍ୟତାମୂଳକ | ଇଚ୍ଛାଧୀନ |
| ❖ ପାନୀୟ ଜଳର ବ୍ୟବସ୍ଥା<br>❖ ଆଲୋକ ବ୍ୟବସ୍ଥା<br>❖ ଗ୍ରାମର ରାସ୍ତା ମରାମତି ଓ ନିର୍ମାଣ<br>❖ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା<br>❖ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ<br>❖ ଜନ୍ମମୃତ୍ୟୁ ପଞ୍ଜୀକରଣ<br>❖ ଚାଷ ପାଇଁ ଅଧିକ ଅମଳକ୍ଷମ ବିହନ, ସାର ଓ ଋଣର ବ୍ୟବସ୍ଥା<br>❖ ନିଜ ଅଞ୍ଚଳରେ ହେଉଥିବା ଯାତ୍ରା ଓ ମେଳାର ନିୟନ୍ତ୍ରଣ<br>❖ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ | ❖ ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ<br>❖ ସମବାୟ ସମିତି ଗଠନ<br>❖ ମାଛଚାଷ, କୁକୁଡ଼ା ପାଳନ, ଗୋପାଳନ ପାଇଁ ଅର୍ଥର ବ୍ୟବସ୍ଥା<br>❖ ରାସ୍ତାକଡ଼ ଓ ଗ୍ରାମାଞ୍ଚଳରେ ବୃକ୍ଷରୋପଣ<br>❖ ପାଠାଗାର ସ୍ଥାପନ |

ରମେଶ – ଆଜ୍ଞା, ଏତେ କାମ କରିବା ପାଇଁ ଆପଣଙ୍କ ଗ୍ରାମ ପଞ୍ଚାୟତ ସାଧାରଣତଃ କେଉଁଠାରୁ ଟଙ୍କା ପାଇଥାଏ ?

ସରପଞ୍ଚ – ଗ୍ରାମ ପଞ୍ଚାୟତକୁ ମୁଖ୍ୟତଃ ଦୁଇଟି ସୂତ୍ରରୁ ଟଙ୍କା ମିଳିଥାଏ। ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ କିଛି ଅର୍ଥ ଅନୁଦାନ ଭାବେ ଦେଇଥାନ୍ତି। ଏହା ବ୍ୟତୀତ ଗ୍ରାମ ପଞ୍ଚାୟତର ନିଜର କିଛି ଆୟ ମଧ୍ୟ ଥାଏ। ଶଗଡ଼, ସାଇକେଲ, ରିକ୍ସା, ଅଟୋରିକ୍ସା ଆଦିର ଚଳାଚଳ ପାଇଁ ଆମ ଗ୍ରାମପଞ୍ଚାୟତ ଅର୍ଥ ଆଦାୟ କରେ। ଏହା ବ୍ୟତୀତ ପଞ୍ଚାୟତ ପୋଖରୀ ନିଲାମ ଦେଇ, ହାଟ, ବଜାର, କାଞ୍ଜିଆ ହୁଦା ଓ ନଦୀ ଘାଟର କର ଆଦାୟ କରି ଅର୍ଥ ଉପାର୍ଜନ କରେ। ସାଧାରଣତଃ ଏହି ଅର୍ଥ ନିଜ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ ହୋଇଥାଏ।

ଶିକ୍ଷକ – ଆମେ ଆସୁଛୁ ଆଜ୍ଞା। ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ। ନମସ୍କାର।

ପିଲାମାନେ – ନମସ୍କାର।

ରୋଶନାରା – ସାର୍, ଗ୍ରାମ ପଞ୍ଚାୟତ ଗଢ଼ା ହେବା ଆବଶ୍ୟକ ପଡ଼ିଲା କାହିଁକି ?

ଶିକ୍ଷକ – ତୁମେ ଜାଣ ଆମ ରାଜ୍ୟ ଏକ ଗ୍ରାମ ବହୁଳ ରାଜ୍ୟ। ଏତେ ଗ୍ରାମର ସମସ୍ୟାଗୁଡ଼ିକୁ ଆମ ରାଜ୍ୟ ସରକାର କେବଳ ଗୋଟିଏ ମାତ୍ର ସଂସ୍ଥା ମାଧ୍ୟମରେ ସମାଧାନ କରିପାରିବେ ନାହିଁ। ସେଥିପାଇଁ ଗ୍ରାମ ସ୍ତରର ଅସୁବିଧା

ଦୂର କରିବା ପାଇଁ ଗ୍ରାମ ପଞ୍ଚାୟତ ଗଢ଼ା ହୋଇଛି । ଏହା ଫଳରେ ଗ୍ରାମର ଲୋକେ ଗ୍ରାମ ସ୍ତରରେ ସେମାନଙ୍କ ପ୍ରତିନିଧି ସାହାଯ୍ୟରେ ନିଜେ ନିଜକୁ ଶାସନ କରିବାର ସୁଯୋଗ ଲାଭ କରୁଛନ୍ତି । ସେହିପରି ବ୍ଲକ ସ୍ତରରେ ପଞ୍ଚାୟତ ସମିତି କାର୍ଯ୍ୟ କରିଥାଏ । ଗୋଟିଏ ବ୍ଲକରେ ଥିବା ସବୁ ଗ୍ରାମପଞ୍ଚାୟତକୁ ନେଇ ପଞ୍ଚାୟତ ସମିତି ଗଢା ହୋଇଥାଏ । ଏଣୁ ଆମ ଦେଶର ଶାସନକୁ ଲୋକଙ୍କ ଶାସନ ବା ଗଣତନ୍ତ୍ର ଶାସନ କୁହାଯାଏ ।

ଦଳବୀର – ସାର୍, ପଞ୍ଚାୟତସମିତିର ମୁଖ୍ୟଙ୍କୁ କ'ଣ କୁହାଯାଏ ?

ଶିକ୍ଷକ – ପଞ୍ଚାୟତସମିତିର ମୁଖ୍ୟଙ୍କୁ **ଚେୟାରମ୍ୟାନ୍** କୁହାଯାଏ ।

ସାନିଆ – ସାର୍, ପଞ୍ଚାୟତସମିତିର ସଦସ୍ୟ କିପରି ନିର୍ବାଚିତ ହୁଅନ୍ତି ?

ଶିକ୍ଷକ – ପଞ୍ଚାୟତ ସମିତି ପାଇଁ ପ୍ରତ୍ୟେକ ପଞ୍ଚାୟତର ଜଣେ ଲେଖାଏଁ ସଦସ୍ୟ ଲୋକମାନଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୋଇଥାନ୍ତି । ସରପଞ୍ଚ ମଧ୍ୟ ପଞ୍ଚାୟତ ସମିତିର ସଦସ୍ୟ । ନିର୍ବାଚିତ ସଦସ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ଚେୟାରମ୍ୟାନ୍ ବା ସଭାପତି ଓ ଆଉ ଜଣକୁ ଭାଇସ୍ ଚେୟାରମ୍ୟାନ୍ ବା ଉପସଭାପତି ଭାବେ ବାଛିଥାଆନ୍ତି । ଏମାନଙ୍କ ବ୍ୟତୀତ ସ୍ଥାନୀୟ ବିଧାନସଭା, ରାଜ୍ୟସଭା, ଲୋକସଭା ଓ ବିଧାନପରିଷଦର ସଦସ୍ୟମାନଙ୍କୁ ମଧ୍ୟ ଏହାର ସଦସ୍ୟ ଭାବେ ଗ୍ରହଣ କରାଯାଏ ।

ରହିମ – ସାର୍, ପଞ୍ଚାୟତ ସମିତି କିପରି କାର୍ଯ୍ୟ କରେ ?

ଶିକ୍ଷକ – ପଞ୍ଚାୟତ ସମିତି କାର୍ଯ୍ୟର ସୁପରିଚାଳନା ନିମନ୍ତେ ପ୍ରତି ବ୍ଲକ୍‌ରେ ଜଣେ **ବ୍ଲକ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ.)** ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି । ଚେୟାରମ୍ୟାନ୍‌ଙ୍କ ପରାମର୍ଶ ଅନୁସାରେ ସେ ବ୍ଲକ୍ ପାଇଁ କାମ କରନ୍ତି । ପଞ୍ଚାୟତ ସମିତିର ବୈଠକ ପ୍ରତି ଦୁଇ ମାସରେ ଥରେ ବସିଥାଏ । ଏହି ବୈଠକରେ ଚେୟାରମ୍ୟାନ୍ ସଭାପତି ରୂପେ ଓ ବି.ଡ଼ି.ଓ. ସମ୍ପାଦକ ରୂପେ କାର୍ଯ୍ୟ କରନ୍ତି । ଚେୟାରମ୍ୟାନ୍‌ଙ୍କ ଅନୁପସ୍ଥିତିରେ ଭାଇସ୍ ଚେୟାରମ୍ୟାନ୍ ସଭାପତି କାର୍ଯ୍ୟ ତୁଲାଇଥାଆନ୍ତି । ନୂତନ ପଞ୍ଚାୟତମାନ ଗଠିତ ହେଲେ ପଞ୍ଚାୟତ ସମିତିର ସଦସ୍ୟମାନେ ବଦଳିଥାନ୍ତି । ବ୍ଲକ୍ କାର୍ଯ୍ୟାଳୟରେ ପଞ୍ଚାୟତ ସମିତିର କାର୍ଯ୍ୟ ହୋଇଥାଏ ।

ଶିକ୍ଷକ – ପିଲାମାନେ ! ଆମେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତସମିତି ସଂପର୍କରେ କିଛି କଥା ଜାଣିଲେ । ଏ ଦୁଇଟି ସଂସ୍ଥା ହେଉଛନ୍ତି ଆମ ଗ୍ରାମାଞ୍ଚଳ ଶାସନ ବ୍ୟବସ୍ଥାର ଗୋଟିଏ ଗୋଟିଏ ସ୍ତର । ସେହିପରି ଗ୍ରାମାଞ୍ଚଳ ଶାସନ ବ୍ୟବସ୍ଥାର ଆଉ ଗୋଟିଏ ସ୍ତର ଅଛି !

ରମେଶ – ସାର୍ ! ସେହି ସ୍ତରଟିର ନାମ କ'ଣ ?

ଶିକ୍ଷକ – ସେହି ସ୍ତରଟିର ନାମ ହେଲା **ଜିଲ୍ଲାପରିଷଦ** ।

ରୋଶନାରା – ସାର୍ ! ଜିଲାପରିଷଦ ଆମ ଲୋକଙ୍କ ପାଇଁ କି ଭଳି କାମ କରେ ?

ଶିକ୍ଷକ – ଜିଲାପରିଷଦ ଜିଲାର ମଙ୍ଗଳ ନିମନ୍ତେ ଯୋଜନା ପ୍ରସ୍ତୁତ କରନ୍ତି । ଗ୍ରାମପଞ୍ଚାୟତ ଓ ପଞ୍ଚାୟତସମିତିକୁ ଆର୍ଥିକ ସାହାଯ୍ୟ ଦିଅନ୍ତି ।

ରହିମ୍ – ସାର୍ ! ଜିଲାପରିଷଦ ଏ ସବୁ କାମ ପାଇଁ ଅର୍ଥ କେଉଁଠାରୁ ପାଇଥାନ୍ତି ?

ଶିକ୍ଷକ – ଜିଲାପରିଷଦ ଏ ସବୁ କାମ ପାଇଁ ସରକାରଙ୍କ ଠାରୁ ଆର୍ଥିକ ଅନୁଦାନ ପାଇଥାନ୍ତି । ଏହାଛଡ଼ା ବିଭିନ୍ନ ସୂତ୍ରରୁ କର ମଧ୍ୟ ଆଦାୟ କରିଥାନ୍ତି ।

ଟୁମୁକି – ସାର୍ ! ଜିଲାପରିଷଦ କିପରି ଗଠିତ ହୋଇଥାଏ ?

ଶିକ୍ଷକ – ରାଜ୍ୟର ପ୍ରତିଜିଲାରେ ଗୋଟିଏ ଜିଲାପରିଷଦ ରହିବାର ବ୍ୟବସ୍ଥା ଅଛି । ପ୍ରତି ଜିଲାକୁ କେତେ ଗୁଡ଼ିଏ ଜିଲା ପରିଷଦ ଅଞ୍ଚଳରେ ବିଭକ୍ତ କରାଯାଇଅଛି । ପ୍ରତି ଅଞ୍ଚଳରୁ ଜଣେ ଜଣେ ସଭ୍ୟ ନିର୍ବାଚିତ ହୁଅନ୍ତି । ସେହି ସବୁ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜିଲାପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିର୍ବାଚିତ କରିଥାନ୍ତି । ଜିଲାପରିଷଦ ପାଞ୍ଚବର୍ଷ ପାଇଁ କାମ କରିଥାଏ ।

ରମେଶ – ସାର୍, ଗ୍ରାମାଞ୍ଚଳରେ ଥିବା ସଂସ୍ଥାଭଳି ଆମ ରାଜ୍ୟର ସହରାଞ୍ଚଳର ଉନ୍ନତି ପାଇଁ କେଉଁ ସଂସ୍ଥା ଅଛି ?

ଶିକ୍ଷକ – ସହରାଞ୍ଚଳରେ ଉନ୍ନତି ପାଇଁ ପୌର ସଂସ୍ଥା ଥାଏ । ଦଶ ହଜାରରୁ ଅଧିକ ଲୋକ ବାସକରୁଥିବା ସହରରେ **ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି)** ଗଠିତ ହୁଏ । ସେହିପରି ଏକ ଲକ୍ଷରୁ ଅଧିକ ଲୋକ ବାସକରୁଥିବା ସହରମାନଙ୍କରେ **ନଗର ପାଳିକା ବା ମ୍ୟୁନିସିପାଲିଟି** ଗଠିତ ହୁଏ । ଦଶ ଲକ୍ଷରୁ ଅଧିକ ଲୋକ ବାସକରୁଥିବା ସହରରେ ମହାନଗର ନିଗମ ବା କର୍ପୋରେସନ ଗଠିତ ହୋଇଥାଏ । ଆମ ରାଜ୍ୟରେ ତିନୋଟି ମହାନଗର ନିଗମ ଅଛି । ସେହିଗୁଡ଼ିକ ହେଲା କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ।

ରୋଶନାରା – ପୌର ସଂସ୍ଥା କିପରି ଗଠିତ ହୋଇଥାଏ ?

ଶିକ୍ଷକ – ତୁମେ ଜାଣିଲ, ପୌର ସଂସ୍ଥାଗୁଡ଼ିକ ଲୋକସଂଖ୍ୟା ଦୃଷ୍ଟିରୁ ଭିନ୍ନ ଭିନ୍ନ । କିନ୍ତୁ ଏଗୁଡ଼ିକର ଗଠନ ପ୍ରଣାଳୀ ପ୍ରାୟ ସମାନ । ପ୍ରଥମେ ଏଗୁଡ଼ିକୁ କେତେକ ୱାର୍ଡ଼ରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ ୱାର୍ଡ଼ରେ ବାସ କରୁଥିବା ୧୮ ବର୍ଷ ବା ତା'ଠାରୁ ଅଧିକ ବୟସର ଭୋଟରମାନେ ଭୋଟ ଦେଇ ନିଜ ପ୍ରତିନିଧି ବାଛିଥାନ୍ତି । ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି)ର ପ୍ରତିନିଧିମାନଙ୍କୁ କାଉନ୍ସିଲର କୁହାଯାଏ । ନିର୍ବାଚିତ କାଉନ୍ସିଲରମାନେ ସେମାନଙ୍କ ମଧ୍ୟରୁ ଜଣକୁ ନଗରପାଳ ବା ଚେୟାରମ୍ୟାନ୍ ଓ ଆଉ ଜଣକୁ ଉପନଗରପାଳ ବା ଭାଇସ୍ ଚେୟାରମ୍ୟାନ୍ ଭାବରେ ବାଛନ୍ତି । ମହାନଗରନିଗମର ୱାର୍ଡ଼ ପ୍ରତିନିଧିଙ୍କୁ **କର୍ପୋରେଟର** କୁହାଯାଏ । ନିର୍ବାଚିତ କର୍ପୋରେଟରମାନେ ସେମାନଙ୍କ ମଧ୍ୟରୁ ଜଣକୁ **ମେୟର** ଓ ଆଉ ଜଣକୁ **ଡେପୁଟି ମେୟର** ଭାବେ ବାଛନ୍ତି । **ନଗରପାଳ** ଏନ୍.ଏ.ସି. ଏବଂ ମ୍ୟୁନିସିପାଲିଟିର ମୁଖ୍ୟ ଅଟନ୍ତି । ତାଙ୍କୁ ଶାସନ କାର୍ଯ୍ୟରେ ସହାୟତା କରିବାପାଇଁ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ବା ଏକଜିକ୍ୟୁଟିଭ ଅଫିସର ଥାଆନ୍ତି । ସେହିପରି **ମେୟର**

ମହାନଗରନିଗମର ମୁଖ୍ୟ ଅଟନ୍ତି । ମହାନଗରନିଗମର ଶାସନକାର୍ଯ୍ୟ ବୁଝୁଥିବା ସରକାରୀ ମୁଖ୍ୟଙ୍କୁ **ମହାନଗରନିଗମ କମିଶନର** କୁହାଯାଏ ।

ସାନିଆ – ପୌରପରିଷଦର କାର୍ଯ୍ୟସବୁ କ'ଣ ?

ଶିକ୍ଷକ – ଗ୍ରାମପଞ୍ଚାୟତ ପରି ପୌରପରିଷଦର କାର୍ଯ୍ୟକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ । ଯଥା-ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟ ।

## ପୌରପରିଷଦର କାର୍ଯ୍ୟ

| ବାଧ୍ୟତାମୂଳକ କାର୍ଯ୍ୟ | ଇଚ୍ଛାଧୀନ କାର୍ଯ୍ୟ |
|---|---|
| ❖ ପାନୀୟଜଳ ପାଇଁ କୂଅ, ନଳକୂଅ ଓ ପାଣି ପାଇପର ବ୍ୟବସ୍ଥା | ❖ ଯାନବାହନ ଚଳାଚଳର ବ୍ୟବସ୍ଥା |
| ❖ ସହରର ପ୍ରତ୍ୟେକ ସ୍ଥାନକୁ ବିଦ୍ୟୁତ୍ ଆଲୋକ ଯୋଗାଣ | ❖ ପାଠାଗାର, ଯୁବକ ସଂଘ, ସାଂସ୍କୃତିକ ଅନୁଷ୍ଠାନ ନିର୍ମାଣ |
| ❖ ନାଳ, ନର୍ଦ୍ଦମା, ରାସ୍ତା ଘାଟରେ ଜମି ରହୁଥିବା ଅଳିଆ ଆବର୍ଜନାର ସଫେଇ | ❖ ପୌରସଂସ୍ଥାର ସୀମା ଭିତରେ ହାଟ, ଦୋକାନ ବଜାର ନିର୍ମାଣ |
| ❖ ସର୍ବସାଧାରଣ ଅନୁଷ୍ଠାନର ସଫେଇ | ❖ ପ୍ରମୋଦଉଦ୍ୟାନ (ପାର୍କ) ନିର୍ମାଣ |
| ❖ ରାସ୍ତାଘାଟ ନିର୍ମାଣ ଓ ମରାମତି | ❖ ବୃକ୍ଷରୋପଣ ଓ ସହରର ସୌନ୍ଦର୍ଯ୍ୟ କରଣ |
| ❖ ସ୍ୱାସ୍ଥ୍ୟରକ୍ଷା ପାଇଁ ଡାକ୍ତରଖାନା ନିର୍ମାଣ, ରୋଗର ପ୍ରତିଷେଧ ଓ ପ୍ରତିକାର ବ୍ୟବସ୍ଥା ଗ୍ରହଣ | |
| ❖ ଶିକ୍ଷାର ବିକାଶ | |
| ❖ ଜନ୍ମମୃତ୍ୟୁ ପଞ୍ଜୀକରଣ | |
| ❖ ଶ୍ମଶାନର ବ୍ୟବସ୍ଥା | |

ଦଳବୀର – ସାର୍, ଏତେ କାମ କରିବା ପାଇଁ ପୌରପରିଷଦ ଟଙ୍କା କେଉଁଠାରୁ ପାଏ ?

ଶିକ୍ଷକ – ପୌରପରିଷଦ ବିଭିନ୍ନ ବିକାଶମୂଳ କାର୍ଯ୍ୟ କରିବାପାଇଁ ସରକାରଙ୍କଠାରୁ ଅନୁଦାନ ପାଇଥାଏ । ଏହା ବ୍ୟତୀତ ଶୁଳ୍କ ଆକାରରେ ସହରର ଲୋକମାନଙ୍କଠାରୁ ଟଙ୍କା ଆଦାୟ କରିଥାଏ ।

ତୁମେ ଜାଣିଲ

| ସହରାଞ୍ଚଳର ସ୍ୱାୟତ୍ତ ଶାସନ ସଂସ୍ଥା | | | | |
|---|---|---|---|---|
| ପୌରପରିଷଦର ନାମ | ଲୋକସଂଖ୍ୟା | ମୁଖ୍ୟ | ମୁଖ୍ୟ ଅଧିକାରୀ | ସଦସ୍ୟ |
| ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି) | ଦଶ ହଜାରରୁ ଅଧିକ | ସଭାପତି ବା ଚେୟାରମ୍ୟାନ | କାର୍ଯ୍ୟନିର୍ବାହୀ ଅଧିକାରୀ | ■ ଚେୟାରମ୍ୟାନ୍ ■ ଭାଇସ୍ ଚେୟାରମ୍ୟାନ ■ କାଉନ୍‌ସିଲ୍‌ର |
| ନଗରପାଳିକା ବା ମ୍ୟୁନିସିପାଲିଟି | ଏକ ଲକ୍ଷରୁ ଅଧିକ | ନଗରପାଳ ବା ଚେୟାରମ୍ୟାନ | କାର୍ଯ୍ୟନିର୍ବାହୀ ଅଧିକାରୀ | ■ ଚେୟାରମ୍ୟାନ୍ ■ ଭାଇସ୍ ଚେୟାରମ୍ୟାନ୍ ■ କାଉନ୍‌ସିଲ୍‌ର |
| ମହାନଗରନିଗମ ବା କର୍ପୋରେସନ | ଦଶ ଲକ୍ଷରୁ ଅଧିକ | ମେୟର | କମିଶନର | ■ ମେୟର ■ ଡେପୁଟି ମେୟର ■ କର୍ପୋରେଟର |

**ଶିକ୍ଷକଙ୍କ ପାଇଁ ସୂଚନା :**

- ଏହି ପାଠଟିକୁ ଶିକ୍ଷକ ପଢ଼ାଇ ସାରିବା ପରେ ପିଲାମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରିବେ । ପ୍ରତ୍ୟେକ ଦଳ ଅନ୍ୟ ଦଳକୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବେ । ଯେଉଁ ଦଳ ଅଧିକ ଠିକ୍ ଉତ୍ତର ଦେବେ, ସେମାନଙ୍କୁ ବିଜୟୀ ଦଳ ଭାବେ ଶିକ୍ଷକ ବାଛିବେ ।

**ସହରାଞ୍ଚଳରେ ଶିକ୍ଷକ ସ୍ୱାୟତ୍ତଶାସନ ସଂସ୍ଥାର କାର୍ଯ୍ୟାଳୟକୁ ନେଇ ପିଲାମାନଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିବେ ।**

# ଅଭ୍ୟାସ

୧. କେଉଁ କାମ ଗ୍ରାମପଞ୍ଚାୟତ ପାଇଁ ବାଧ୍ୟତାମୂଳକ, କୋଠରୀ ମଧ୍ୟରୁ ବାଛି ଲେଖ । ଉତ୍ତର

| | | | |
|---|---|---|---|
| ବୃକ୍ଷରୋପଣ | ରାସ୍ତା ମରାମତି | କୁକୁଡ଼ା ପାଳନ | ________ |
| ଶିକ୍ଷାର ବିକାଶ | ମାତୃମଙ୍ଗଳକେନ୍ଦ୍ର ସ୍ଥାପନ | ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ | ________ |
| ପାଠାଗାର ତିଆରି | ଆଲୋକ ବ୍ୟବସ୍ଥା | ଆବର୍ଜନା ସଫେଇ | ________ |

୨. କେଉଁ କେଉଁ କାମ ପୌରପରିଷଦର ଇଚ୍ଛାଧୀନ, ଗୋଲ ମଧ୍ୟରୁ ବାଛି ଲେଖ ।




________

________

________

________

________

୩. ଗ୍ରାମପଞ୍ଚାୟତ କାହାଠାରୁ ଟିକସ ଆଦାୟ କରେ, ସେଥିରେ (✓) ଚିହ୍ନ ଦିଅ ।


କ) ମଟର ଗାଡ଼ି ☐

ଖ) ସାଇକେଲ ☐

ଗ) ଅଟୋ ରିକ୍ସା ☐

ଘ) ବସ୍ ☐

୪. ନିମ୍ନରେ ଥିବା ପ୍ରଶ୍ନ ଅନୁଯାୟୀ ଉତ୍ତର ପାଖୁଡ଼ାରେ ଲେଖ ।




କ) ଯାହାର ଲୋକସଂଖ୍ୟା ୧ ଲକ୍ଷରୁ ଅଧିକ, ସେହି ପୌରପରିଷଦର ନାମ କ'ଣ ?

ଖ) ଦୋକାନ ବଜାର ନିର୍ମାଣ ପୌରପରିଷଦର କେଉଁ ପ୍ରକାର କାର୍ଯ୍ୟ ଅଟେ ?


ଗ) ଆମ ରାଜ୍ୟର ମହାନଗରନିଗମଗୁଡ଼ିକର ନାମ କ'ଣ ?

ଘ) ନଗରପାଳଙ୍କ ଅନୁପସ୍ଥିତିରେ କିଏ ପୌର ସଭାରେ ସଭାପତିତ୍ୱ କରନ୍ତି ?

ଙ) ମହାନଗରନିଗମର ଦୈନନ୍ଦିନ କାର୍ଯ୍ୟ କିଏ ବୁଝନ୍ତି ?

୫. କେବଳ ନିର୍ବାଚିତ ପ୍ରତିନିଧିଙ୍କ ପଦବୀ ଶୂନ୍ୟସ୍ଥାନରେ ଲେଖ ।


କ)




ଖ)




ଗ)



୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।
(ଗ୍ରାମପଞ୍ଚାୟତ, ପଞ୍ଚାୟତସମିତି, ମହାନଗରନିଗମ, ନଗରପାଳିକା, ପୌରସଂସ୍ଥା)

କ) ସହରାଞ୍ଚଳର ଉନ୍ନତି ପାଇଁ.......... ଥାଏ ।

ଖ) ବି.ଡ଼ି.ଓ..................କାର୍ଯ୍ୟର ସୁପରିଚାଳନା ନିମନ୍ତେ ନିଯୁକ୍ତି ହୋଇଥାନ୍ତି ।

ଗ) କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଆମ ରାଜ୍ୟର ତିନୋଟି................ ।

ଘ) ଦୁଇ ହଜାରରୁ ଦଶ ହଜାର ପର୍ଯ୍ୟନ୍ତ ଲୋକଥିବା ଅଞ୍ଚଳକୁ ନେଇ ....................ଗଠିତ ।

୭. ତୁମେ ତୁମ ଅଞ୍ଚଳର କେଉଁ କାମ ପାଇଁ କେଉଁଠାକୁ ଯିବ, ତୀର ଚିହ୍ନ ଦେଇ ଚିହ୍ନାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କ) ଘର ଆଗରେ ଜମିଥିବା ଅଳିଆ ଆବର୍ଜନା ସଫେଇ ପାଇଁ | କ) ପଞ୍ଚାୟତସମିତି |
| ଖ) ମାଛଚାଷ ପାଇଁ ଋଣ | ଖ) ମ୍ୟୁନିସିପାଲିଟି |
| ଗ) ଜନ୍ମମୃତ୍ୟୁ ପଞ୍ଜୀକରଣ | ଗ) ମହାନଗରନିଗମ |
| ଘ) ସାଇକେଲର ଟିକସ ଦେବା | ଘ) ଗ୍ରାମପଞ୍ଚାୟତ |
| | ଙ) ଡାକ୍ତରଖାନା |

୮. ଗାର ଦିଆଯାଇଥିବା ଅଂଶକୁ ନ ବଦଳାଇ ଭୁଲ୍ ଥିଲେ ଠିକ କର ।

କ) <u>ସରପଞ୍ଚ</u> ପଞ୍ଚାୟତସମିତିର ମୁଖ୍ୟ ଅଟନ୍ତି ।

ଖ) <u>ମହାନଗରନିଗମ</u> ଲୋକସଂଖ୍ୟା ଏକ ଲକ୍ଷରୁ ଅଧିକ ।

ଗ) <u>ଗ୍ରାମପଞ୍ଚାୟତରେ</u> ନିର୍ବାଚନ ଛଅ ବର୍ଷରେ ଥରେ ହୁଏ ।

ଘ) ନିଜ ଅଞ୍ଚଳର ପ୍ରତିନିଧିଙ୍କୁ <u>ନିର୍ବାଚନ ପ୍ରକ୍ରିୟାରେ</u> ବାଛିବା ପାଇଁ ଜଣକର ବୟସ ୨୧ ବର୍ଷରୁ ଅଧିକ ହେବା ଆବଶ୍ୟକ ।

୯. ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଲେଖ ।

କ) ଗ୍ରାମପଞ୍ଚାୟତକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା କୁହାଯାଏ, କାହିଁକି ?

______________________________________________

______________________________________________

ଖ) ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପରିଷଦ ମଧ୍ୟରେ ପାର୍ଥକ୍ୟ କ'ଣ ?

_______________________________________________

_______________________________________________

ଗ) ଏନ୍.ଏ.ସି. ଓ ମ୍ୟୁନିସିପାଲିଟି ମଧ୍ୟରେ ପାର୍ଥକ୍ୟ କ'ଣ ?

_______________________________________________

_______________________________________________

ଘ) ଜିଲ୍ଲାପରିଷଦ କିପରି ଗଠିତ ହୋଇଥାଏ ?

_______________________________________________

_______________________________________________





**ତୁମ ପାଇଁ କାମ -**

- ତୁମେ ବାପା, ମାଆ କିମ୍ବା କୌଣସି ଗୁରୁଜନଙ୍କ ସାଥିରେ ତୁମ ଅଞ୍ଚଳର ଗ୍ରାମପଞ୍ଚାୟତ / ପୌରପରିଷଦକୁ ଯାଅ । ସେଠାରୁ ନିମ୍ନଲିଖିତ ତଥ୍ୟମାନ ସଂଗ୍ରହ କର ।
  ୧. ଏହି ସଂସ୍ଥା ତୁମେ ରହୁଥିବା ଅଞ୍ଚଳ ପାଇଁ କି କି କାମ କରିଛି ?
  ୨. ସରକାରୀ ସାହାଯ୍ୟ ବ୍ୟତୀତ ଏହା ଅନ୍ୟ କେଉଁଠାରୁ ଅର୍ଥ ସଂଗ୍ରହ କରୁଛି ?
  ୩. ଏହା ତୁମ ବିଦ୍ୟାଳୟ ପାଇଁ କି କି କାମ କରିଛି ?
- ସେଠାରୁ ଫେରିବା ପରେ ଶିକ୍ଷକଙ୍କ ଅନୁମତି ନେଇ ତୁମେ କ'ଣ କ'ଣ ଦେଖିଲ ଓ ଜାଣିଲ, ସେ ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କର ।